Civil Services (Main)
Examination- 2025

SLPM-C-ODA

# ଓଡ଼ିଆ / ODIA

**( ବାଧ୍ୟତାମୂଳକ ) / ( Compulsory )**

| | |
|---|---|
| ସମୟ : ତିନି ଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 300 |
| *Time Allowed :* ***Three*** *Hours* | *Maximum Marks :* ***300*** |

## ପ୍ରଶ୍ନପତ୍ର ସଂପର୍କିତ ନିର୍ଦ୍ଦେଶାବଳୀ

***ଉତ୍ତର ଦେବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକଟି ନିର୍ଦ୍ଦେଶକୁ ଯତ୍ନର ସହିତ ପାଠ କର :***

ପ୍ରତ୍ୟେକଟି ପ୍ରଶ୍ନର ଉତ୍ତର ଦେବାକୁ ହେବ ।

ପ୍ରତ୍ୟେକଟି ପ୍ରଶ୍ନ / ପ୍ରଶ୍ନାଂଶ ନିକଟରେ ଏହାର ନମ୍ବର ଦିଆଯାଇଛି ।

ଉତ୍ତର **ଓଡ଼ିଆରେ (ଓଡ଼ିଆ ଲିପି)** ବା ପ୍ରଶ୍ନର ନିର୍ଦ୍ଦେଶ ଅନୁସାରେ ହେବା ଆବଶ୍ୟକ ।

ପ୍ରଶ୍ନରେ ଯେଉଁଠି ଶବ୍ଦ ସଂଖ୍ୟାର ନିର୍ଦ୍ଦେଶ ରହିଛି ତାହା ପାଳନୀୟ । ଯଦି ପ୍ରଶ୍ନରେ ନିର୍ଦ୍ଦେଶିତ ଶବ୍ଦସଂଖ୍ୟାଠାରୁ ଉତ୍ତର ଯଥେଷ୍ଟ ବେଶି ବା କମ ହୁଏ ତେବେ ନମ୍ବର କମାଯାଇପାରେ ।

ପ୍ରଶ୍ନ-ଉତ୍ତର ପୁସ୍ତିକାର କୌଣସି ପୃଷ୍ଠା ବା ପୃଷ୍ଠାର କିଛି ଅଂଶ ଖାଲି ରହୁଥିଲେ ତାକୁ ଗାର ପକେଇ କାଟିଦେବା ଆବଶ୍ୟକ ।

## Question Paper Specific Instructions

***Please read each of the following instructions carefully before attempting questions :***

*All questions are to be attempted.*

*The number of marks carried by a question is indicated against it.*

*Answers must be written in* ***ODIA (Odia script)*** *unless otherwise directed in the question.*

*Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.*

*Any page or portion of the page left blank in the Question-cum-Answer (QCA) Booklet must be clearly struck off.*

**Q1. ନିମ୍ନଲିଖିତ ଯେ କୌଣସି *ଗୋଟିଏ* ବିଷୟରେ 600 ଶବ୍ଦ ମଧ୍ୟରେ ଏକ ପ୍ରବନ୍ଧ ଲେଖ :** *100*

(a) ଭାରତୀୟ ଜ୍ଞାନ ପରଂପରାର ପ୍ରାସଙ୍ଗିକତା

(b) ଏକ ବିଶ୍ୱଯୁଦ୍ଧର ଆସନ୍ନ ଆତଙ୍କ

(c) ଡିଜିଟାଲ୍ ଅର୍ଥପ୍ରଦାନର ଉପାଦେୟତା

(d) କ୍ରୀଡ଼ାଜଗତରେ ଭାରତୀୟ ମହିଳାଙ୍କର ଅଂଶଗ୍ରହଣରେ ବୃଦ୍ଧି

**Q2. ନିମ୍ନଲିଖିତ ପରିଚ୍ଛେଦଟିକୁ ଧ୍ୟାନପୂର୍ବକ ପାଠକରି ଏହାର ଆଧାରରେ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସ୍ପଷ୍ଟ, ଠିକ ଓ ସଂକ୍ଷିପ୍ତ ଉତ୍ତର ଦିଅ :** *12×5=60*

ଜୈବ ବିବିଧତା ହଁ ଜୀବିତ ପ୍ରଜାତିଙ୍କର ବିବିଧତା, ଯେଉଁଥିରେ ତାଂକର ବଂଶଗତ ବା ଜେନେଟିକ ବିବିଧତା ଏବଂ ତାଙ୍କ ଦ୍ୱାରା ନିର୍ମିତ ସାମୂହିକ ଜୈବ-ପାରିବେଶିକ (ଇକୋସିଷ୍ଟମ୍) ବ୍ୟବସ୍ଥା ସଂଯୁକ୍ତ । ସଂପ୍ରତି ଏହି ବିବିଧତାପୂର୍ଣ୍ଣ ଜୀବନ ଗୁରୁତର ସଂକଟର ସମ୍ମୁଖୀନ ହେଉଛି । ବୈଜ୍ଞାନିକମାନଙ୍କର ଚିନ୍ତାର ବିଷୟ ଏହି ଯେ ସଂପ୍ରତି ବିଷୁବ ମଣ୍ଡଳୀୟ ଜଙ୍ଗଲ ହାନି ଏବଂ ବିଶୃଙ୍ଖଳା ଯେଉଁ ହାରରେ ଘଟୁଛି, ଆଗାମୀ ୨୫ ବର୍ଷ ମଧ୍ୟରେ ପ୍ରତି ଦଶନ୍ଧିରେ ମୋଟାମୋଟି ସମଗ୍ର ବିଷୁବ ମଣ୍ଡଳୀୟ ବନ୍ୟ ପ୍ରଜାତିର ଶତକଡ଼ା ୫ ରୁ ୧୦ ଭାଗ ଲୁପ୍ତ ହୋଇଯିବ ।

ଏହିବିଲୁପ୍ତ ହୋଇଯିବାର ସଂକଟ କେବଳ ବିଷୁବ ମଣ୍ଡଳୀୟ ଜଙ୍ଗଲରେ ସୀମିତ ନୁହେଁ । ନଦୀଗୁଡ଼ିକ ଅବରୁଦ୍ଧ ହେବା ସହିତ ବିଦେଶୀ ପ୍ରଜାତିର ଆଗମନଯୋଗୁଁ ମିଠାପାଣିରେ ବଢୁଥିବା ପ୍ରାଣୀ ଓ ଉଦ୍ଭିଦ କ୍ଷେତ୍ରରେ ନାଟକୀୟ ପରିବର୍ତ୍ତନ ଘଟୁଛି । ସାମୁଦ୍ରିକ ଦ୍ୱୀପ ସମୂହରେ ବିଗତ ସହସ୍ର ବର୍ଷମଧ୍ୟରେ ସର୍ବାଧିକ ବିଲୁପ୍ତି ଘଟିଛି ଏବଂ ଏହା ପୃଥିବୀର ସର୍ବାଧିକ ସଂକଟାପନ୍ନ ଜୈବ-ପାରିବେଶିକ ପରିସ୍ଥିତି ।

ପ୍ରଜାତି ସମୂହର, ବଂଶଗତ ବିବିଧତାର, ପ୍ରାଣୀ ଓ ଉଦ୍ଭିଦ ଜଗତର ହ୍ରାସ ଏବଂ ଜୈବ-ପାରିବେଶିକ ବ୍ୟବସ୍ଥାର ବିଲୁପ୍ତି ଆଦି ଏହି ପିଢ଼ି ଓ ଆଗାମୀ ପିଢ଼ିର ଅଶେଷ କ୍ଷତିର ସୂଚନା ଦେଇଛି । ଆଜି ଯେଉଁ ପ୍ରଜାତି ବିଲୁପ୍ତ ତା' ମୂଳରେ ରହିଛି ଅଜଣା ଖାଦ୍ୟ, ଔଷଧ ଓ ଶିଳ୍ପାୟନ ପ୍ରକ୍ରିୟା । ଜୈବ-ପାରିବେଶିକ ବ୍ୟବସ୍ଥା ଜନସଂଖ୍ୟାକୁ ରକ୍ଷା କରିବାର ସାମର୍ଥ୍ୟ ହରାଉଛି, ଏବଂ ତା'ର ଅଧପତନ ସ୍ୱରୂପ ମୃତ୍ତିକା କ୍ଷୟ, ଜଳାଧାରର ଲବଣୀକରଣ, ସ୍ଥାନୀୟ ଜଳବାୟୁରେ ପରିବର୍ତ୍ତନ, ମରୁଭୂମିରେ ପରିଣତ ହେବା ଓ ଉତ୍ପାଦକ କ୍ଷମତା ହ୍ରାସ ପାଇବା ଫଳରେ ଆମକୁ ଅଧିକ ମୂଲ୍ୟ ଦେବାକୁ ପଡୁଛି ।

ଜୈବିକ ସଂସାଧନର ମୂଲ୍ୟକୁ ନିର୍ଧାରଣ କରିବା ପାଇଁ ତିନି ମୁଖ୍ୟ ଦୃଷ୍ଟିକୋଣର ଉପଯୋଗ କରାଯାଇଅଛି । ଉପଭୋଗ-ଉପଯୋଗ ମୂଲ୍ୟାୟନରେ ଜାଳେଣି କାଠ, ଘାସ, ଶିକାର-ମାଂସ ପରି ଦ୍ରବ୍ୟର ମୂଲ୍ୟ ଆକଳନ ଓ ଉପଯୋଗ ବଜାର ମାଧ୍ୟମରେ ନହୋଇ ସିଧାସଳଖ ହୋଇଥାଏ । ଉତ୍ପାଦକ-ଉପଯୋଗ ମୂଲ୍ୟାୟନ କ୍ଷେତ୍ରରେ ସେ ସମସ୍ତ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟାଙ୍କନ କରାଯାଏ ଯାହା ବାଣିଜ୍ୟିକ ଦୃଷ୍ଟିକୋଣରୁ ଅମଳ କରାଯାଇଥାଏ ବା ବିକ୍ରି କରାଯାଇଥାଏ, ଯଥା – କାଠ, ମତ୍ସ୍ୟ, ମାଂସ, ମହୁ ଏବଂ ଔଷଧୀୟ ଉଦ୍ଭିଦ । ଅଣଉପଭୋକ୍ତା-ଉପଯୋଗ ମୂଲ୍ୟାୟନରେ ଜୈବ-ପାରିବେଶିକ ବ୍ୟବସ୍ଥାର କାର୍ଯ୍ୟ ଯେପରି ଜଳସଂଚୟ କ୍ଷେତ୍ର ସଂରକ୍ଷଣ, ଫଟୋସିନ୍ଥେସିସ, ଜଳବାୟୁ ନିୟନ୍ତ୍ରଣ, ମୃତ୍ତିକା ଉତ୍ପାଦନ ପ୍ରକ୍ରିୟାର ପ୍ରତ୍ୟକ୍ଷ ମୂଲ୍ୟାଙ୍କନ କରିବା ସହିତ କିଛି ପ୍ରଜାତି ବର୍ତ୍ତମାନ ମଧ୍ୟ ଜୀବିତ ଅଛନ୍ତି, ତାହା ଜାଣିବାର ଆଗ୍ରହ ସଂପୃକ୍ତ ।

ନୀତି-ପ୍ରଣେତାମାନେ ଅନେକ ସମୟରେ ଉତ୍ପାଦକ-ଉପଯୋଗକୁ ଅଧିକ ଗ୍ରହଣ କରନ୍ତି, କାରଣ ସେଗୁଡ଼ିକ ବନୀକରଣ, ମତ୍ସ୍ୟପାଳନ ପରି ବଡ଼ ଉଦ୍ୟୋଗ ସହିତ ସମ୍ବନ୍ଧିତ ଓ ରାଷ୍ଟ୍ରୀୟ ଆୟରେ ଏହାର ପ୍ରଭାବ ପରିଲକ୍ଷିତ ହୁଏ ।

(a) ଜୈବ ବିବିଧତା କଣ ? *12*

(b) ବିଲୁପ୍ତି ସଂକଟ କହିଲେ କଣ ବୁଝାଯାଏ ? *12*

(c) ବିଭିନ୍ନ ପ୍ରଜାତି ଏବଂ ବଂଶଗତ ବିବିଧତାର ବିଲୁପ୍ତି ଫଳରେ କେଉଁ ପ୍ରକାର ସଂକଟ ସୃଷ୍ଟି ହେଉଛି ? *12*

(d) ଅଣଉପଭୋକ୍ତା-ଉପଯୋଗର ମୂଲ୍ୟାୟନ କହିଲେ କଣ ବୁଝାଏ ? *12*

(e) ନୀତି-ପ୍ରଣେତାମାନେ କେଉଁ ପ୍ରକାରର ମୂଲ୍ୟାୟନକୁ ଅଧିକ ଗ୍ରହଣ କରନ୍ତି ଓ କାହିଁକି ? *12*

**Q୩. ନିମ୍ନଲିଖିତ ଗଦ୍ୟାଂଶଟିର ସଂକ୍ଷିପ୍ତସାର ଏକ-ତୃତୀୟାଂଶ ଶବ୍ଦ ମଧ୍ୟରେ ନିଜ ଭାଷାରେ ଲେଖ । ଗଦ୍ୟାଂଶର ନାମ ଦେବା ଅନାବଶ୍ୟକ ।** ***60***

ଆମେ ଯଦି ସୁଖ କଣ ଜାଣିବାକୁ ଚାହୁଁ ତେବେ କୌଣସି କାଳ୍ପନିକ ଜଗତରେ ନୁହେଁ ବରଂ ସଂପୂର୍ଣ୍ଣ ସମୃଦ୍ଧ ଓ ସୁଖୀ ଜୀବନ ବଞ୍ଚୁଥିବା ମଣିଷଙ୍କ ମଧ୍ୟରେ ଖୋଜିବାକୁ ପଡ଼ିବ । ଯଦି ତୁମେ ପ୍ରକୃତରେ ଜଣେ ସୁଖୀ ବ୍ୟକ୍ତିକୁ ଲକ୍ଷ୍ୟ କରିବ ତ ଦେଖିବ ଯେ ସେ ହୁଏତ ନୌକା ତିଆରି କରୁଛି, ସ୍ୱର ସଂରଚନା କରୁଛି, ପୁଅକୁ ପଢ଼ଉଛି ବା ବଗିଚାରେ ସୁନ୍ଦର ଫୁଲ ଫୁଟଉଛି କିନ୍ତୁ ସେ ସୁଖକୁ କେବେ କେମିତି ମିଳୁଥିବା ଗୋଟେ ଦୁର୍ଲ୍ଲଭ ବସ୍ତୁପରି ଖୋଜୁନଥିବ । ସେ ଜାଣିଥିବ ଯେ ଦିନର ୨୪ ଘଣ୍ଟା ବ୍ୟସ୍ତତା ମଧ୍ୟରେ ସେ ବଞ୍ଚୁଥିବା ଜୀବନ ହିଁ ସୁଖର ।

କୌଣସି ବ୍ୟକ୍ତି ନିଜ କାର୍ଯ୍ୟରେ ଖୁସି ହେଇ ପାରିବନି ଯଦି ତାହା ସଂପୂର୍ଣ୍ଣ ରୂପରେ ତା' ନିଜ ସଂପର୍କିତ ହୋଇଥିବ ଏବଂ ବିଶେଷ ଭାବରେ ଯଦି ତାହା ତା' ନିଜର ତାତକାଳିକ ଆବଶ୍ୟକତା ପରିପୂରଣ ଜନିତ ଆତ୍ମସନ୍ତୋଷ ହୋଇଥିବ । ସେହିପରି କେହି ତା' ନିଜ ସାମାଜିକ ସଂପର୍କରେ ପୂର୍ଣ୍ଣତଃ ଖୁସି ହେଇ ପାରିବନି ଯାହା କେବଳ ତା' ନିଜଉପରେ ବା ତା ନିଜର ନିକଟତମ ଓ ସୀମିତ ପରିସର ଆଧାରିତ ହୋଇଥିବ । ସୁତରାଂ ସୁଖ ପ୍ରାପ୍ତି ନିମନ୍ତେ ଆମେ ନିଜ ବାହାରେ ଅନ୍ୱେଷଣ କରିବା କଥା ।

ଯଦି ତୁମେ କେବଳ ତୁମ ନିଜପାଇଁ ବଞ୍ଚୁଥିବ ତେବେ ତୁମେ ସର୍ବଦା ତୁମ ନିଜର ଦୃଷ୍ଟିଭଂଗୀ, ନିଜର ରୁଚିର ପୁନରାବୃତ୍ତି ଦେଖିଦେଖି ବିରକ୍ତ ଅନୁଭବ କରିବ । ତୁମେ ଗୋଟିଏ ମହତ୍ତର ମାନବିକ ସୁଖ ପ୍ରାପ୍ତିର ସୁଯୋଗ ଓ ତା' ବହୁତ ନିଜକୁ ଯୋଡ଼ି ଦିଅ । ଯେପର୍ଯ୍ୟନ୍ତ ଜଣେ ନିଜର ଅହଂକୁ ମାନବ ସେବାରେ ସମର୍ପଣ କରିନଥାଏ ସେ ପର୍ଯ୍ୟନ୍ତ ଜୀବନର ପ୍ରକୃତ ଅର୍ଥକୁ ସେ ହୃଦୟଙ୍ଗମ କରିନଥାଏ । ଯଦି ତୁମେ ନିଜ ମହତ ଉଦ୍ଦେଶ୍ୟ ପାଇଁ ଗର୍ବ କରୁଥାଅ ତେବେ ତା'ର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ମନଭିତରେ ଏକ ସୂଚୀ ପ୍ରସ୍ତୁତ କର । ନିଜକୁ ପଚ୍ଚର ଯେ ତୁମେ ସେହି ଲକ୍ଷ୍ୟ ସାଧନ କରିବାକୁ ଚାହଁ ଏବଂ ସୁଖୀ ହେବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହଁ, ଅଥବା ତୁମେ ସୁଖୀ ହେବାକୁ ପସନ୍ଦ କରିବ ଓ ତୁମ ଅହଂ ବା ସ୍ୱାଭିମାନ ଦାବୀ କରୁଥିବା ସମ୍ମାନକୁ ହାତଛଡ଼ା ହେବାକୁ ଦେବ ।

ଯେଉଁଠାରେ ମହତ୍ତର ଆନନ୍ଦ ଏବଂ ନୀତିନିଷ୍ଠତା ଖୋଜାଯାଏ ସେଠାରେ କେବଳ ଗୋଟିଏ ଜୀବନ ଦର୍ଶନ ଅଛି, ତା' ହେଉଛି ରଚନାତ୍ମକ ପରୋପକାର ଭିତ୍ତିକ ଦର୍ଶନ । ଜଣେ ପ୍ରକୃତ ସୁଖୀ ବ୍ୟକ୍ତି, ସର୍ବଦା ଜଣେ ସଂଘର୍ଷରତ ଆଶାବାଦୀ ମଣିଷ । ଆଶାବାଦ କେବଳ ପରୋପକାର ନୁହେଁ ତା' ସହିତ ସାମାଜିକ ଦାୟିତ୍ୱ, ସାମାଜିକ ନିର୍ଭୀକତା ଏବଂ ବସ୍ତୁନିଷ୍ଠତା ମଧ୍ୟ ସଂଯୁକ୍ତ । ଏହି ଶ୍ରେଣୀଭୁକ୍ତ ନାରୀ ଓ ପୁରୁଷ ସେମାନେ, ଯେଉଁମାନେ ଜୀବନକୁ ଦୃଢ଼ତାର ସହିତ ଗ୍ରହଣ କରନ୍ତି, ଏବଂ ପ୍ରବୀଣଙ୍କ ପରି ବାସ୍ତବତାର ଓ ନିରାସକ୍ତ ଭାବରେ କଠିନତାର ସମ୍ମୁଖୀନ ହୁଅନ୍ତି, ଜ୍ଞାନ ସହିତ କରୁଣାର ସମନ୍ୱୟ କରନ୍ତି, ବଞ୍ଚିବାର ଆଗ୍ରହକୁ ହାସ୍ୟମୁଖରତା ସହିତ ବୃଦ୍ଧିକରିଥାନ୍ତି ଗୋଟିଏ ଶବ୍ଦରେ କହିଲେ, ସେମାନେ ହିଁ ପରିପୂର୍ଣ୍ଣ ମଣିଷ । ଗୋଟିଏ ଉତ୍ତମ ଜୀବନ ପରୋପକାରୀତାରେ ସକ୍ରିୟତା ଏବଂ କାର୍ଯ୍ୟନିର୍ବାହୀ ଦର୍ଶନର ଅପେକ୍ଷା ରଖେ । ଏହା ହିଁ ସନ୍ତୋଷଜନକ ଜୀବନ ଏବଂ ମଣିଷ ହୋଇଥିଲେ ବି ସୁଖୀହେବାର ଏକମାତ୍ର ମାର୍ଗ ।

ସୁଖର ଉପାଦାନ ଏତେ ସହଜ-ସରଳ ଯେ ତା'କୁ ଆଙ୍ଗୁଠିରେ ଗଣାଯାଇ ପାରିବ । ସୁଖ ନିଜ ଅନ୍ତରରୁ ଆସିଥାଏ ଏବଂ ଏହା ସରଳ ଭଲପଣିଆ ଆଉ ସ୍ୱଚ୍ଛ ହୃଦୟବତ୍ତା ଉପରେ ଆଧାରିତ । ଏଠି ଧର୍ମର ଆବଶ୍ୟକତା ନାହିଁ, କିନ୍ତୁ ନୈତିକ ମୂଲ୍ୟବୋଧ ଆଧାରିତ ଦାର୍ଶନିକ ସିଦ୍ଧାନ୍ତ ବିନା କେହି ଏହା ଉପଲବ୍ଧ କରିବା ସମ୍ଭବ ନୁହେଁ । ସ୍ୱାର୍ଥପରତା ଏହାର ଶତ୍ରୁ । ଅନ୍ୟକୁ ସୁଖୀ ଦେଖିବାକୁ ହେଲେ ନିଜକୁ ସୁଖୀ ରଖିବାକୁ ପଡ଼େ । ଭିଡ଼ ମଧ୍ୟରେ ଦୀର୍ଘ ସମୟ ଖୋଜିଲେ ସୁଦ୍ଧା ଏହା କ୍ୱଚିତ ମିଳିଥାଏ, ଏକାନ୍ତରେ ଚିନ୍ତନ ସମୟରେ ଏହା ସହଜରେ ଉପଲବ୍ଧ । ଏହା କିଣାଯାଇ ପାରିବନି, ଟଂକା ସହିତ ଏହାର ସଂପର୍କ ନାହିଁ କହିଲେ ଚଳେ ।

ଜଣେ ବ୍ୟକ୍ତି ନିଜଉପରେ ଠିକରେ ସନ୍ତୁଷ୍ଟ ନହେବା ପର୍ଯ୍ୟନ୍ତ ସୁଖୀ ହେଇ ପାରିବନି । ତେଣୁ ଆତ୍ମ ନିରୀକ୍ଷଣରୁ ପ୍ରଶାନ୍ତିର ଅନ୍ୱେଷଣ ପ୍ରାରମ୍ଭ ହେବା ଆବଶ୍ୟକ । ଏହି ଦିଗରେ ଅନେକ କିଛି କରାଯାଇ ପାରେ, ବହୁତ କମ୍ କାମ କରାଯାଇଛି । ତଥାପି ଏହି ଆତ୍ମ ବିଶ୍ଳେଷଣ ଅନ୍ୱେଷଣ ପ୍ରକ୍ରିୟା ତା'ଉପରେ ନିର୍ଭର କରେ ଯାହା ବ୍ୟକ୍ତିକୁ ଅନନ୍ୟ କରିଥାଏ ଏବଂ ଯାହାର ବିକାଶ ହିଁ କେବଳ ସନ୍ତୋଷ ଆଣି ଦେଇପାରେ । ତେଣୁ ଯଦି ଜଣକୁ ସୁଖର ଯୋଜନା ପ୍ରସ୍ତୁତ କରିବାକୁ ହୁଏ ତେବେ – ତା'କୁ ଅଳ୍ପରେ ସନ୍ତୁଷ୍ଟ ରଖିବାକୁ ହେବ, ବିଳାସ ପରିବର୍ତ୍ତେ ଶିଷ୍ଟତା, ଆତ୍ମପ୍ରଦର୍ଶନ ପରିବର୍ତ୍ତେ ମାର୍ଜ୍ଜିତଭାବ ଦେଖାଇବା, ଯୋଗ୍ୟ ହେବା, କଠିନ ଅଧ୍ୟବସାୟ ସହିତ ବିଗ୍ନର ନିମଗ୍ନ ହେବା, ଭଦ୍ରଭାବରେ ବାର୍ତ୍ତାଳାପ କରିବା, ତାରା ଓ ପକ୍ଷୀ, ଶିଶୁ ଓ ସନ୍ନ୍ୟାସୀଙ୍କୁ ମୁକ୍ତ ହୃଦୟରେ ଶୁଣିବା, ସବୁକିଛି ଆନନ୍ଦରେ ସହିବା, ନିର୍ଭୀକତାର ସହିତ କାର୍ଯ୍ୟ କରିବା ଏବଂ ଆଧ୍ୟାତ୍ମିକତାକୁ ସର୍ବସାଧାରଣଙ୍କ ଜୀବନରେ ସାବଲୀଳ ଓ ସ୍ୱଚ୍ଛନ୍ଦ ଭାବରେ ବ୍ୟାପ୍ତ କରିବାକୁ ହେବ । ଏହା ଜାଣିବା ଉଚିତ ଯେ କୌଣସି ସରକାର ତୁମପାଇଁ ଏହା କରିପାରିବ ନାହିଁ; ତୁମେ ନିଜପାଇଁ ନିଜେ କରିବା ଆବଶ୍ୟକ ।

*(530 ଶବ୍ଦ)*

**Q4. ନିମ୍ନଲିଖିତ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର :** **20**

ସମଗ୍ର ବିଶ୍ୱରେ ଆତଙ୍କବାଦ ମାନବିକତା ପ୍ରତି ଏକ ବିରାଟ ବିପଦ ସୃଷ୍ଟି କରୁଛି । ଆମେରିକା, ଭାରତ, ଇସ୍ରାଏଲ ଆଦି ପରି ଦେଶସମୂହ ଆତଙ୍କବାଦର ପଞ୍ଝାରୁ ମୁକୁଳିବାପାଇଁ ସଂଘର୍ଷ କରୁଛନ୍ତି । କିନ୍ତୁ ଏହି ଫାଶ କ୍ରମାଗତ ଭାବରେ ଦୃଢ଼ ହେବାରେ ଲାଗିଛି । ପ୍ରାୟ ପ୍ରତ୍ୟେକ ଦିନ ସମ୍ବାଦ ପତ୍ରର ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଆତଙ୍କବାଦୀଙ୍କର ଘୃଣ୍ୟ କାର୍ଯ୍ୟ ପ୍ରକାଶ ପାଉଛି । ଦିନର ଆରମ୍ଭ ଏହି ଭୟଙ୍କର ସମ୍ବାଦରୁ ହେଉଛି । କିଏ ଜାଣେ କେତେ ନିରୀହ ଲୋକଙ୍କୁ ଏମାନେ ନିଜ ସ୍ୱାର୍ଥ ନିମନ୍ତେ ବଳି ଦେଉଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ କାଳରେ କିଛି ଲୋକ ବିଦେଶୀ କ୍ଷମତା ପ୍ରଭାବରେ ଭାରତରେ ଆତଙ୍କବାଦର ମଞ୍ଜି ବପନ କରିଦେଲେ । ଏହାର ମୂଳ ଏବେ ସଂପୂର୍ଣ୍ଣ ଦେଶରେ ଏପରି ଭାବରେ ବ୍ୟାପ୍ତ ହୋଇଯାଇଛି ଯେ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । କାଶ୍ମୀରରେ ଆତଙ୍କବାଦ ଅତି ଭୟାବହ ରୂପରେ ବିଦ୍ୟମାନ । ସେଠାକାର ମୂଳ ନିବାସୀ ଏବେ ଶରଣାର୍ଥୀଙ୍କ ପରି ରହିଛନ୍ତି । ପ୍ରତ୍ୟେକ ଦିନ ଭୟର ଛାୟାତଳେ ଅତିବାହିତ ହେଉଛି ଯେ ଆଜି କଣ ହେବ ? କେବଳ କାଶ୍ମୀର ନୁହେଁ, ଆସାମ, ପଶ୍ଚିମ ବଂଗ, ନାଗାଲାଣ୍ଡ ଆଦି ରାଜ୍ୟକୁ ମଧ୍ୟ ଆତଙ୍କବାଦୀମାନେ ଆତଙ୍କିତ କରି ରଖିଛନ୍ତି । ଏ ସମସ୍ତ ରାଜ୍ୟରେ ଆଇନ୍-ଶୃଙ୍ଖଳା ବ୍ୟବସ୍ଥା ବିପନ୍ନ । ସୈନ୍ୟବିଭାଗ ଓ ପୋଲିସ୍ ଦେଶରୁ ଏହି ସମସ୍ୟାକୁ ଦୂର କରିବା ନିମନ୍ତେ କଠିନ ପରିଶ୍ରମ କରୁଛନ୍ତି । ସରକାର ମଧ୍ୟ ଆତଙ୍କବାଦକୁ ଦୂର କରିବା ନିମନ୍ତେ ନାନା ଉପାୟ

ଗ୍ରହଣ କରୁଛନ୍ତି, କିନ୍ତୁ ଜନସାଧାରଣଙ୍କର ସହଯୋଗ ମଧ୍ୟ ପ୍ରୟୋଜନ । ଯଦି ପ୍ରତ୍ୟେକ ସେମାନଙ୍କ ନିଜର ବ୍ୟକ୍ତିଗତ, ଧାର୍ମିକ ସ୍ୱାର୍ଥ ଓ ଆଞ୍ଚଳିକ ପ୍ରୀତି ପରିତ୍ୟାଗ କରି ଜଣେ ଭାରତବାସୀ ଭାବେ ରହିବେ, ତେବେ ଏ ସମସ୍ୟା ଚିରଦିନ ପାଇଁ ସମାପ୍ତ ହୋଇଯିବ । କୌଣସି ମନୁଷ୍ୟ ଅପର ମନୁଷ୍ୟର କ୍ଷତି କରିପାରିବ ନାହିଁ, କାରଣ ଆତଙ୍କବାଦ ହେଉଛି ପଶୁତ୍ୱ । ସମସ୍ତେ ଏକମତ ଓ ସଂଗଠିତ ହୋଇ ଏହି ସମସ୍ୟାକୁ ବିଶ୍ୱରୁ ଉତ୍ପାଟନ କରିବାରେ ସହଯୋଗ କରିବା ଆବଶ୍ୟକ-ଯାହା ଫଳରେ ବିଶ୍ୱରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପିତ ହେବ । ତାହେଲେ ଦେଶ ଓ ସମାଜ ବିକାଶ ପଥରେ ଅଗ୍ରସର ହେବ ।

**Q5. ନିମ୍ନଲିଖିତ ଗଦ୍ୟାଂଶକୁ ଓଡ଼ିଆରେ ଅନୁବାଦ କର :** *20*

Healthy children are an essential component of an effective education system. Good health reduces absenteeism and dropouts and increases scholastic performance. An effective school health programme is one of the most cost-effective approaches in improving community health. School health activities contribute to healthy lifestyles, thus leading to a healthy future generation. School children also communicate the health-related information gained in schools to their families and neighbourhood, contributing to improved family and community health. The functions of school health services include detection and treatment of defects, creation and maintenance of hygienic environment in and around the school, provision of school meals, and improvement of nutritional status of children. This may be further enlarged to include health check-ups and immunisation campaigns.

**Q6. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :** *40*

(a) **ବ୍ୟାସବାକ୍ୟ ସହ ସମାସର ନାମ ଲେଖ :** *2×4=8*

(i) ମଧ୍ୟାହ୍ନ *2*

(ii) ବର୍ଷକ *2*

(iii) ଉପଭାଷା *2*

(iv) ବିଧବା *2*

(b) **ନିମ୍ନ ରୂଢ଼ି ପ୍ରୟୋଗର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର :** 2×4=8

(i) ଅପାଳକ ରାଜ୍ୟକୁ ବିଜୁଳି ଲକ୍ଷେଟଂକା 2

(ii) ଆଗତ କୁହା, ପର ଗାଇ ଦୁହାଁ 2

(iii) ଦାନ ଉପରେ ଦକ୍ଷିଣା 2

(iv) ବାଘ ଘରେ ମିରିଗ ନାଟ 2

(c) **ଏକପଦରେ ପ୍ରକାଶ କର :** 2×4=8

(i) କୃତଜ୍ଞତା ଅସ୍ୱୀକାର କରେ ଯେ 2

(ii) ଦ୍ୱୀପରେ ଜାତ 2

(iii) କୂଳର ବିପରୀତ 2

(iv) କହିବାର ଇଚ୍ଛା 2

(d) **ବନାନଗତ ଅଶୁଦ୍ଧି ଥିଲେ ସଂଶୋଧନ କର :** 2×4=8

(i) ପରୀକ୍ଷଣୀୟ 2

(ii) ସମିଚୀନ 2

(iii) ସାରଥୀ 2

(iv) ବିପର୍ଯ୍ୟାସ 2

(e) **ନିମ୍ନ ବାକ୍ୟଗୁଡ଼ିକରେ ଥିବା ବିଶେଷଣ ପଦକୁ ଚିହ୍ନାଅ :** 2×4=8

(i) ଏମିତି ଯୁଦ୍ଧ ଆଗରୁ ହୋଇନାହିଁ । 2

(ii) ସେ ଜଣେ କୁହାଳିଆ ଲୋକ । 2

(iii) ତାଙ୍କର ବ୍ୟବହାର ମାର୍ଜିତ । 2

(iv) ସେ ଚିରାବହିଟିକୁ ଫୋପାଡ଼ି ଦେଲା । 2